# NATIONAL NEWS BULLETIN (ODIA)

**9 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶବ୍ୟାପୀ ନବମ ଜାତୀୟ ପୋଷଣ ମାସର ଶୁଭାରମ୍ଭ

–ସନ୍ତୁଳିତ ପୋଷଣ ଏକ ସୁସ୍ଥ, ସମୃଦ୍ଧ ଭାରତର ଦୃଢ଼ ଭିତ୍ତିଭୂମି ବୋଲି କହିଲେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ

- ମୁମ୍ବାଇଠାରେ ଆଜିଠାରୁ ଆରମ୍ଭ ହେଲା ୨ ଦିନିଆ ବ୍ରିକ୍ସ ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣରଙ୍କ ବୈଠକ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଆସନ୍ତା ୧୭ ତାରିଖରୁ ୧ ମାସ ପାଇଁ ସେବା ସଂକଳ୍ପ ଅଭିଯାନ ଆରମ୍ଭ କରିବ ବିଜେପି

- କଲମ୍ବୋଠାରେ ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ସହ ଆଲୋଚନା କଲେ ପ୍ରତିରକ୍ଷାମନ୍ତ୍ରୀ

ଏବଂ

- ଓଡ଼ିଶା ସମେତ ଦେଶର କେତେକ ଅଞ୍ଚଳରେ ଆସନ୍ତା କାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଅନୁମାନ କରିଛି ପାଣିପାଗ ବିଭାଗ

# ପୋଷଣ

ବାରାଣସୀର ଅନ୍ତର୍ଜାତୀୟ ରୁଦ୍ରାକ୍ଷ କନ୍‌ଭେନ୍‌ସନ ସେଣ୍ଟରଠାରେ ଆଜି ନବମ ଜାତୀୟ ପୋଷଣ ମାସର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ମହିଳା ଶିଶୁବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଏବଂ ଉତ୍ତରପ୍ରଦେଶ ସରକାରଙ୍କ ଅନ୍ୟାନ୍ୟ ମନ୍ତ୍ରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି, ନବମ ଜାତୀୟ ପୋଷଣ ମାସ ମାଧ୍ୟମରେ ପୋଷଣଯୁକ୍ତ ଓ ସଶକ୍ତ ଭାରତ ଗଠନ ପାଇଁ ସଂକଳ୍ପ ନିଆଯାଇଛି । ଏହି ଅଭିଯାନ ପ୍ରତ୍ୟେକ ମାଆଙ୍କ ସ୍ୱାସ୍ଥ୍ୟ, ଶିଶୁର ପୋଷଣ ଏବଂ ପରିବାରର ସମୃଦ୍ଧି ସହିତ ଜଡ଼ିତ । ସେ କହିଛନ୍ତି ଶୁଦ୍ଧ ଓ ସନ୍ତୁଳିତ ପୋଷଣ ହେଉଛି ଏକ ସୁସ୍ଥ ଏବଂ ସମୃଦ୍ଧ ଦେଶର ଦୃଢ଼ ଭିତ୍ତିଭୂମି । କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ଆଦିତ୍ୟନାଥ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୧୪ ମସିହାରୁ ଗରିବ, ଶିଶୁ, ଗର୍ଭବତୀ ମହିଳା ଓ ପ୍ରସୂତୀମାନଙ୍କ ପୋଷଣକୁ ପ୍ରାଥମିକତା ଦିଆଯାଇ ଆସୁଛି ।

---

# ମୁମ୍ବାଇ-ବ୍ରିକ୍ସ

ବ୍ରିକ୍ସ ଶିଖର ସମ୍ମିଳନୀ ପୂର୍ବରୁ ମୁମ୍ବାଇରେ ଆଜିଠାରୁ ୨ ଦିନିଆ ଚୂଡ଼ାନ୍ତ ବ୍ରିକ୍ସ ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣରମାନଙ୍କ ବୈଠକ ଆରମ୍ଭ ହେଉଛି । ଚଳିତ ବର୍ଷର ବ୍ରିକ୍ସ ଫାଇନାନ୍ସ ଟ୍ରାକ୍ 'ପ୍ରତିରୋଧକ ଶକ୍ତି, ନବଉନ୍ମେଷ ଏବଂ ସ୍ଥାୟିତ୍ୱ ନିର୍ମାଣ' ଦ୍ୱାରା ପରିଚାଳିତ ହେଉଛି । ଏହା ପୂର୍ବରୁ ଗତମାସ ଜୟପୁରଠାରେ ଅର୍ଥମନ୍ତ୍ରୀ ଓ ଗଭର୍ଣ୍ଣରମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ

ନିର୍ମଳା ସୀତାରମଣ, ମୁମ୍ବାଇରେ ପ୍ରସ୍ତାବିତ ଚୂଡ଼ାନ୍ତ ବୈଠକ ପୂର୍ବରୁ ବ୍ରିକ୍ସ ଫାଇନାନ୍ସ ଟ୍ରାକ୍‌ର ନିଷ୍କର୍ଷଗୁଡ଼ିକର ସମୀକ୍ଷା କରିଛନ୍ତି ।

## ବିଜେପି-ପିଏମ୍‌-୨୫ ଇୟର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନରେ ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୧୭ ତାରିଖରୁ ତାଙ୍କ ଜନ୍ମଦିନରୁ ବିଜେପି ୧ମାସ ବ୍ୟାପି ସେବା ସଂକଳ୍ପ ଅଭିଯାନ ଆରମ୍ଭ କରିବ ।  ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଆଜି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ କହିଛନ୍ତି, ପ୍ରଧାନମନ୍ତ୍ରୀ ଆସନ୍ତା ଅକ୍ଟୋବର ୭ ତାରିଖରେ ନିଜ ଜନସେବାର ୨୫ ବର୍ଷ ପୂରଣ କରିବେ । ସୂଚନାଯୋଗ୍ୟ ୨୦୦୧ ମସିହା ଏହି ଦିନରେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ନିଜର କାର୍ଯ୍ୟକାଳ ଆରମ୍ଭ କରିଥିଲେ ।

ସେ ଆହୁରି କହିଛନ୍ତି, ଏହିବର୍ଷଗୁଡ଼ିକ ମଧ୍ୟରେ ଶ୍ରୀ ମୋଦୀ 'ଜନସେବାରୁ ଦେଶସେବା' ମନ୍ତ୍ରରେ ଅନୁପ୍ରାଣିତ ହୋଇ ନିରନ୍ତର ଭାବେ ସେବାକାର୍ଯ୍ୟ ଜାରି ରଖିଛନ୍ତି । ଶ୍ରୀ ନବୀନ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତର ପ୍ରଗତି ସହ ସାଂସ୍କୃତିକ ପରିଚୟ ଏବଂ ଐକ୍ୟବଦ୍ଧତା ସୁଦୃଢ଼ ହୋଇଛି । ଯେତେବେଳେ ଶ୍ରୀ ମୋଦୀ ଦେଶର ନେତୃତ୍ୱ ନେଲେ ସେତେବେଳେ ଭାରତ ନୀତିଗତ ଅଚଳାବସ୍ଥାର ସମ୍ମୁଖୀନ ହୋଇଥିଲା ଏବଂ ଏହାକୁ ଫ୍ରାଜାଇଲ୍‌ ଫାଇଭ୍‌ ଅର୍ଥନୀତି ମଧ୍ୟରେ ଗଣାଯାଉଥିଲା । କିନ୍ତୁ ଆଜି ଭାରତ ବିଶ୍ୱର ସବୁଠାରୁ ଦ୍ରୁତଗତିରେ ପ୍ରମୁଖ ଅର୍ଥନୀତି ପାଲଟିଛି ବୋଲି ଶ୍ରୀ ନବୀନ କହିଛନ୍ତି ।

**V/O**

ଏହି ଅବସରରେ ରକ୍ତଦାନ ଶିବିର ଆୟୋଜନ କରାଯିବା ସହିତ ସଂକଳ୍ପ ଅଭିଯାନ ଆରମ୍ଭ ହେବ । ଶ୍ରୀ ନବୀନ ସୂଚନା ଦେଇଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇବା ପାଇଁ ଅକ୍ଟୋବର ୭ ତାରିଖରେ ଗାଁ ଏବଂ ସହରାଞ୍ଚଳକୁ ଯୋଡ଼ି 'ସେବାଜ୍ୟୋତି କଳସ ଯାତ୍ରା' ମଧ୍ୟ ବାହାର କରାଯିବ । ସେ ଆହୁରି କହିଛନ୍ତି, ଆସନ୍ତା ୧୭ ତାରିଖରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ସହଭାଗିତାରେ 'ସେବା ମୋର ଯୋଗଦାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହା ଅଧୀନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଶ୍ରୀ ନବୀନ କହିଛନ୍ତି ।

## ଶାହା-ବାତ୍ରା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ପରମବୀର ଚକ୍ର ବିଜେତା କ୍ୟାପ୍ଟେନ୍ ବିକ୍ରମ ବାତ୍ରାଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, କ୍ୟାପ୍ଟେନ ବାତ୍ରା ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଶୃଙ୍ଗଗୁଡ଼ିକୁ କବ୍‌ଜା କରିନଥିଲେ, ବରଂ ଅତୁଳନୀୟ ନେତୃତ୍ୱ ଓ ଅସୀମ ବୀରତ୍ୱ ମାଧ୍ୟମରେ ସହଯୋଗୀ ସୈନିକମାନଙ୍କ ମନୋବଳକୁ ପ୍ରେରଣା ପ୍ରଦାନ କରିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି, ମାତ୍ର ୨୪ ବର୍ଷ ବୟସରେ ପ୍ରାଣବଳି ଦେଇଥିବା କ୍ୟାପ୍ଟେନ ବାତ୍ରା ଦେଶର କଲ୍ୟାଣକୁ ସର୍ବୋଚ୍ଚରେ ରଖିବା ପାଇଁ ସମସ୍ତଙ୍କୁ ସର୍ବଦା ଅନୁପ୍ରାଣିତ କରିଚାଲିବେ ।

## ରାଜନାଥ-ଶ୍ରୀଲଙ୍କା

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆଜି କଲମ୍ବୋଠାରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶାନାଏକେଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି ।

ବୈଠକରେ ଉଭୟ ନେତା ଦୁଇଦେଶ ମଧ୍ୟରେ ଥିବା ସଂପର୍କକୁ ଅଭିନ୍ନ ବୋଲି ଅବିହିତ କରିବା ସହ ନିକଟତମ ପଡ଼ୋଶୀ ଓ ସାମୁଦ୍ରିକ ଅଂଶୀଦାର ଭାବେ ମିଳିମିଶି କାର୍ଯ୍ୟ ଜାରି ରଖିବେ ବୋଲି ସହମତ ହୋଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂ କହିଛନ୍ତି, ଏହି ଅଞ୍ଚଳର ସୁରକ୍ଷା, ଶାନ୍ତି ଏବଂ ସମୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ଉଭୟ ଦେଶ ପ୍ରତିଶ୍ରୁତିବଦ୍ଧ ।

---

## ଆଗା ଖାଁ-ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନଙ୍କ ନିମନ୍ତ୍ରଣକ୍ରମେ ସିହା ଇସ୍‌ମାଇଲ୍ ସଂପ୍ରଦାୟର ୫୦ତମ ଇମାମ ପ୍ରିନ୍ସ ରହିମ ଆଗା ଖାଁ - ପଞ୍ଚମ ଆଜିଠାରୁ ୭ ଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଇମାମ୍ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ । ସେ ଆସନ୍ତାକାଲି ଉପରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବେ । ନୂଆଦିଲ୍ଲୀ ରହଣି ସମୟରେ ଆଗା ଖାଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କରଙ୍କୁ ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଏହି ଗସ୍ତର ଅଂଶ ସ୍ୱରୂପ ସେ ଅହମ୍ମଦାବାଦ, ମୁମ୍ବାଇ ଏବଂ ହାଇଦ୍ରାବାଦ ଗସ୍ତ କରିବେ, ଯେଉଁଠାରେ ଆଗା ଖାଁ ଡେଭଲପ୍‌ମେଣ୍ଟ ନେଟଓ୍ୱାର୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଜଡ଼ିତ ଅଛି ।

---

# ଇଣ୍ଡିଆ-ହୁତି

ସାଉଦିଆରବର ସାର୍ବଭୌମ କ୍ଷେତ୍ର ଉପରେ ବିଶେଷକରି ସାଧାରଣ ନାଗରିକ ଏବଂ ଅର୍ଥନୈତିକ ପ୍ରତିଷ୍ଠାନଗୁଡ଼ିକୁ ଲକ୍ଷ୍ୟ କରି ହୋଇଥିବା ହୁତି ଆକ୍ରମଣକୁ ଭାରତ ନିନ୍ଦା କରିଛି । ସାଉଦିଆରବରେ ହୋଇଥିବା ଆକ୍ରମଣ ସଂପର୍କରେ ଗଣମାଧ୍ୟମର ଏକ ପ୍ରଶ୍ନର ଉତ୍ତର ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ହୁତିର ଏହି ଆକ୍ରମଣ ଆଞ୍ଚଳିକ ସୁରକ୍ଷା ଓ ସ୍ଥିରତାକୁ ନଷ୍ଟ କରୁଛି । ଏଥିସହିତ ବାବ୍-ଅଲ୍-ମାଣ୍ଡେବ ଜଳପଥରେ ନୌଚାଳନାକୁ ସ୍ୱାଭାବିକ କରିବାରେ ଏହି ଆକ୍ରମଣ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

---

# ନେପାଳ ଡେଥ୍

ନେପାଳ ବନ୍ୟାରେ ମୃତ୍ୟୁସଂଖ୍ୟା ୧ ହଜାର ୩୬୫ରେ ପହଞ୍ଚିଛି । ଉଦ୍ଧାରକାରୀ ଦଳ ଅଦ୍ୟାବଧି ନିଖୋଜ ଥିବା ଅତିକମ୍‌ରେ ୫ଶହ ଅଣାନବେ ଜଣ ବିଦେଶୀ ନାଗରିକଙ୍କ ସମେତ ୫ ହଜାର ୩୨୬ ଜଣ ଲୋକଙ୍କୁ  ନେପାଳ ସରକାରଙ୍କ ଅନୁଯାୟୀ,ପ୍ରଭାବିତ ଅଞ୍ଚଳରୁ ଅଧିକ ମୃତଦେହ ଉଦ୍ଧାର ହେଉଛି। ବର୍ତ୍ତମାନ ସୁଦ୍ଧା ଚିହ୍ନଟ ପ୍ରକ୍ରିୟା ଶେଷ ହେବା ପରେ ୧୦୨ଟି  ସେମାନଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି । ମୃତଦେହ ଚିହ୍ନଟକୁ ସହଜ କରିବା ପାଇଁ ଡିଏନ୍‌ଏ ନମୁନା ସଂଗ୍ରହ ସହିତ ସମସ୍ତ ନିୟମ ଅନୁଯାୟୀ ସୁରକ୍ଷାକର୍ମୀମାନେ ୧ ହଜାର ୧୪୭ଟି ଅଚିହ୍ନା ମୃତଦେହକୁ ସୁରକ୍ଷିତ ଭାବେ ରଖିଛନ୍ତି ।

ଅନ୍ୟପକ୍ଷରେ ଚୀନ୍ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏହି ବିପର୍ଯ୍ୟୟରେ ଚୀନ୍ ପାର୍ଶ୍ୱରେ ମଧ୍ୟ ୪୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ତିବ୍ବତରେ ୫ଶହରୁ ଅଧିକ ନିଖୋଜ ଅଛନ୍ତି ।

## ୟୁଏନ୍ ଚିଫ୍-ରୁଷ

ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, ସାଂପ୍ରତିକ କୂଟନୈତିକ ପ୍ରୟାସ ୟୁକ୍ରେନ-ରୁଷ ଶାନ୍ତି ଆଲୋଚନା ପୁନର୍ବାର ଆରମ୍ଭ କରିବାରେ ସହାୟକ ହେବ । ଆମେରିକାର ବରିଷ୍ଠ ପ୍ରତିନିଧିମାନଙ୍କ ମସ୍କୋ ଏବଂ କିଭ୍ କୁ ଗସ୍ତ ପରିପ୍ରେକ୍ଷୀରେ ଶ୍ରୀ ଗୁଟେରସ୍ ଏହି ମନ୍ତବ୍ୟ ଦେଇଛନ୍ତି । ଏକ ପ୍ରେସ୍ ବିବୃତ୍ତିରେ ମୁଖପାତ୍ର ଷ୍ଟିଫେନ୍ ଦୁଜାରିକ୍ କହିଛନ୍ତି, ଏହି ପଦକ୍ଷେପ ୟୁକ୍ରେନ ଓ ରୁଷ୍ ମଧ୍ୟରେ ଆଲୋଚନା ପୂର୍ଣ୍ଣ ଏବଂ ନିଃସର୍ତ୍ତ ଅସ୍ତ୍ରବିରତି ପାଇଁ ପଥ ଉନ୍ମୁକ୍ତ କରିବ । ସେ ଆହୁରି କହିଛନ୍ତି, ଜାତିସଂଘ ଏ ଦିଗରେ ସହଯୋଗ କରିବାକୁ ପ୍ରସ୍ତୁତ ଅଛି ।

## ରିଜିଜୁ-ୟୁଥ୍ କମ୍ପିଟେସନ

ଜବାହର ନବୋଦୟ ବିଦ୍ୟାଳୟଗୁଡ଼ିକ ପାଇଁ ୨୭ତମ ଜାତୀୟ ଯୁବ ସଂସଦ ପ୍ରତିଯୋଗିତା ୨୦୨୫-୨୬ର ପୁରସ୍କାର ବିତରଣ ଉତ୍ସବ ଆସନ୍ତାକାଲି ନୂଆଦିଲ୍ଲୀର ସଂସଦ ଭବନ ପରିସରରେ ଅନୁଷ୍ଠିତ ହେବ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ ଏହି ଉତ୍ସବରେ ଅଧ୍ୟକ୍ଷତା କରିବେ । ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଓ ବିଦ୍ୟାଳୟଗୁଡ଼ିକୁ ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯିବ ।

ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ବିଗତ ୩୦ ବର୍ଷ ଧରି ଜବାହର ନବୋଦୟ ବିଦ୍ୟାଳୟଗୁଡ଼ିକ ପାଇଁ ଯୁବ ସଂସଦ ପ୍ରତିଯୋଗିତା ଆୟୋଜନ କରିଆସୁଛି । ଦେଶର ନବୋଦୟ ବିଦ୍ୟାଳୟ ସମିତିର ୮ଟି ଅଞ୍ଚଳରେ ଥିବା ୧୦୦ଟି ବିଦ୍ୟାଳୟ ମଧ୍ୟରେ ୨୦୨୫-୨୬ ବର୍ଷରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

---

## ୱେଦର

ଭାରତୀୟ ପାଣିପାଗ ବିଭାଗ ଆସନ୍ତାକାଲି ପର୍ଯ୍ୟନ୍ତ ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଉତ୍ତର-ପୂର୍ବ ଭାରତର କିଛି ଅଞ୍ଚଳରେ ପ୍ରବଳ ବର୍ଷା ହେବାର ଅନୁମାନ କରିଛି । ଆସନ୍ତା ୨ ଦିନ ମଧ୍ୟରେ ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପୁଡୁଚେରୀ, କରାଇକାଲ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ବଜ୍ରପାତ ଓ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହିତ ଆଜି ଉପକୂଳବର୍ତ୍ତୀ ଆନ୍ଧ୍ରପ୍ରଦେଶ, କେରଳମ ଓ ମାହେରେ ଗରମ ଓ ଗୁଳୁଗୁଳି ଭଳି ସ୍ଥିତି ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।

---